## ସଂକ୍ଷେପରେ

### ଆଳି ବାର୍ ଆସୋସିଏଶନର କର୍ମକର୍ତ୍ତା ନିର୍ବାଚନ

**ଆଳି, ୩୦।୩ (ଡି.ଏନ୍.ଏ.) :** ଭାରତୀୟ ଆଇନଜୀବୀ ପରିଷଦର ନିଷ୍ପତ୍ତି ଅନୁଯାୟୀ, ଓଡ଼ିଶା ଆଇନଜୀବୀ ପରିଷଦ ପକ୍ଷରୁ ସାରା ରାଜ୍ୟରେ ଶନିବାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଚଳିତ ଥର ୱାନ ବାର ୱାନ ଭୋଟ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଳି ବାର ଆସୋସିଏଶନରେ ମଧ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଳି ବାର ଆସୋସିଏଶନର ସଭାପତି ଭାବେ ଆଡଭୋକେଟ ପ୍ରମୋଦ ରାୟ, ସାଧାରଣ ସମ୍ପାଦକ ନୃସିଂହ ଚନ୍ଦ୍ର ଦିକ୍ଷୀତ, ସହ ସମ୍ପାଦକ ନଳିନୀ ରଞ୍ଜନ ରାୟ, କୋଷାଧକ୍ଷ ବସନ୍ତ କୁମାର ଘଡାଇ, ସାଂସ୍କୃତିକ ସମ୍ପାଦକ ସୂର୍ଯ୍ୟମଣୀ ସାମଲ ଓ ଲାଇବ୍ରେରିଆନ ଶୁଶାନ୍ତ କୁମାର ଦିକ୍ଷୀତ ନିର୍ବାଚିତ ହୋଇଛନ୍ତି। ବାର ଆସୋସିଏଶନର ଏହି ନିର୍ବାଚନକୁ ବରିଷ୍ଠ ଆଇନଜୀବୀ ଅନନ୍ତ ଦାସ ଏବଂ ସହଯୋଗୀ ଆଇନଜୀବୀ ଜଗନ୍ନାଥ ମହାନ୍ତି ପରିଚାଳନା କରିଥିଲେ।

### ପଟ୍ଟାମୁଣ୍ଡାଇ ବାର୍ ଆସୋସିଏଶନ ନିର୍ବାଚନ

**ପଟ୍ଟାମୁଣ୍ଡାଇ, ୩୦।୩ (ସ୍ୱ.ପ୍ର):** କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ କୋର୍ଟ ବାର ଆସୋସିଏଶନର କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ନିର୍ବାଚନରେ ସୂର୍ଯ୍ୟରଞ୍ଜନ ରାଉଳ ସଭାପତି, ଉପସଭାପତି ଅଶ୍ୱିନୀ କୁମାର ବେହେରା, ସମ୍ପାଦକ ରବୀନ୍ଦ୍ର ଦାଶ ଓ ଯୁଗ୍ମ ସଂପାଦକ ଭାବେ ଶିଶିର କୁମାର ମଲିକ ନିର୍ବାଚିତ ହୋଇଛନ୍ତି। କୋଷାଧକ୍ଷ ଭାବେ ମନୋଜ କୁମାର ନାୟକ ଓ ଗ୍ରନ୍ଥାଗାରିକ ଭାବେ ପ୍ରମୋଦ ବିଶ୍ୱାଳ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସଭାପତି ପଦ ପାଇଁ ସୂର୍ଯ୍ୟରଞ୍ଜନ ଓ ପୂର୍ବତନ ସଭାପତି ପ୍ରମୋଦ କୁମାର ପଣ୍ଡାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ସେହିପରି ଉପସଭାପତି ପଦ ପାଇଁ ଅଶ୍ୱିନୀଙ୍କ ସହିତ ରାଜେନ୍ଦ୍ର କୁମାର ମିଶ୍ର, ସମ୍ପାଦକ ପଦ ପାଇଁ ରବୀନ୍ଦ୍ରଙ୍କ ସହ ସୌମ୍ୟରଞ୍ଜନ ଧଳ ଏବଂ ଯୁଗ୍ମ ସମ୍ପାଦକ ପଦ ପାଇଁ ଶିଶିର ଓ ବିଦ୍ୟାଧର ଦାଶଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା ।

### ଭାଜପାର ନିର୍ବାଚନୀ ସଭା



**ରାଜକନିକା, ୩୦।୩ (ଡି.ଏନ୍.ଏ):** ରାଜକନିକା ବ୍ଲକ ଅନ୍ତର୍ଗତ ଦେଉଳତରାଠାରେ ୨୭ନଂ ଯୋନ ଭାଜପା ପକ୍ଷରୁ ନିର୍ବାଚନ ପ୍ରଚାର ଶନିବାର ଆରମ୍ଭ ହୋଇଛି । ଦେଉଳତରା ଲକ୍ଷ୍ମୀନାରାୟଣ ପଡିଆରେ ଆୟୋଜିତ ଏହି ସଭାରେ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜସୁନ୍ଦର ଭୂୟାଁ ପୌରୋହିତ୍ୟ କରିଥିଲେ। ଏଥିରେ ଭାଜପାର ବିଧାୟକ ପ୍ରାର୍ଥୀ ଦୋଳଗୋବିନ୍ଦ ନାୟକ, ଜିଲା ଉପସଭାପତି ଭକ୍ତବନ୍ଧୁ ମିଶ୍ର, ବିଶିକେଶନ ଦାସ, ୨୭ ନଂ ଯୋନ ମଣ୍ଡଳ ସଭାପତି କାର୍ତ୍ତିକ ଦାଶ, ଦଶରଥ ବାରିକ, ଶ୍ରୀନିବାସ ପଣ୍ଡା ଓ ଜୀବନା ନନ୍ଦ ମଲିକ ପ୍ରମୁଖ ଯୋଗଦେଇ ବିଜେଡି ସରକାରଙ୍କୁ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବମୋର୍ଚ୍ଚା ସଭାପତି ନିହାର ରଞ୍ଜନ ସ୍ୱାଇଁ, ବିଜୟକୁମାର ସାହୁ ଓ ତପନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବହୁ କର୍ମୀ ଅନ୍ୟଦଳ ଛାଡି ଭାଜପାରେ ଯୋଗଦେଇଥିଲେ।

# ଟିକେଟ ବଣ୍ଟନ ପରେ ସବୁ ଦଳରେ ତେଜୁଛି ଅସନ୍ତୋଷ

- ପାଟକୁରାରେ ଯୁବନେତାଙ୍କୁ ପ୍ରାର୍ଥୀ କରିବାକୁ ବିଜେଡି କର୍ମୀଙ୍କ ଦାବି
- କେନ୍ଦ୍ରାପଡା ପ୍ରାର୍ଥୀ ଚୟନକୁ ନେଇ କଂଗ୍ରେସରେ ନୈରାଶ୍ୟଭାବ
- ଆଳି ଓ ରାଜନଗରରେ ଭାଜପା କର୍ମୀଙ୍କ ଅସନ୍ତୋଷ

**କେନ୍ଦ୍ରାପଡା ଅଫିସ, ୩୦।୩**

ରାଜ୍ୟର ୪ର୍ଥ ପର୍ଯ୍ୟାୟରେ କେନ୍ଦ୍ରାପଡା ଜିଲାରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ । ଏଥିପାଇଁ ପ୍ରତ୍ୟେକ ଦଳରୁ ବହୁ ଆଶାୟୀ ପ୍ରାର୍ଥୀ ସଂଗଠନକୁ ସୁଦୃଢ଼ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି । ତେବେ ପ୍ରାର୍ଥୀ ଚୟନ ସମୟରେ ବିଭିନ୍ନ ଦଳରୁ ବହୁ ଆଶାୟୀ ପ୍ରାର୍ଥୀଙ୍କ ନାମ କଟିଯାଉଛି। ଏଥିଯୋଗୁ ବିଭିନ୍ନ ଦଳରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି । ସାମାଜିକ ଗଣମାଧ୍ୟମରେ ଏହାର ପ୍ରତିଛବି ଦେଖିବାକୁ ମିଳୁଥିବା ବେଳେ ଆଗାମୀ ନିର୍ବାଚନରେ ପ୍ରାର୍ଥୀଙ୍କ ପାଇଁ ଦଳୀୟ ଅସନ୍ତୋଷ ଭାରି ପଡିବ ବୋଲି ଆଲୋଚନା ଜୋର ଧରିଛି।
ଭାଜପା ପକ୍ଷରୁ ଅଦ୍ୟାବଧି ଆଳି ଓ ରାଜନଗରରେ ବିଧାୟକ ପ୍ରାର୍ଥୀ ଦିଆଯାଇଛି । ଆଳିରୁ ଦୋଳଗୋବିନ୍ଦ ନାୟକଙ୍କୁ ଚୟନ କରାଯାଇଥିବା ବେଳେ ରାଜନଗରରୁ ଅଲେଖ ଜେନାଙ୍କୁ ଭାଜପା ପ୍ରାର୍ଥୀ କରିଛି। ଏହି ୨ ନିର୍ବାଚନ କ୍ଷେତ୍ରରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଆଶାୟୀ ପ୍ରାର୍ଥୀ ଥିଲେ । ସେହିପରି କଂଗ୍ରେସ ପକ୍ଷରୁ ଆଳି ଓ ରାଜନଗର ବିଧାୟକ ପ୍ରାର୍ଥୀଙ୍କୁ କେହି ବିରୋଧ କରି ନ ଥିବା ବେଳେ କେନ୍ଦ୍ରାପଡା ପ୍ରାର୍ଥୀ ଗଣେଶ୍ୱର ବେହେରାଙ୍କ ପ୍ରାର୍ଥୀ ଚୟନକୁ ନେଇ ନୈରାଶ୍ୟ ଭାବ ଦେଖିବାକୁ ମିଳିଛି। ଏଠାରୁ ହଳଧର ସେଠୀଙ୍କ ସମେତ ୩ ଆଶାୟୀ ଦଳୀୟ ଟିକେଟ୍ ପାଇବାରୁ ବଞ୍ଚିତ ହୋଇଛନ୍ତି। ପ୍ରାର୍ଥୀ ଚୟନରେ ସର୍ବାଧିକ ଅସନ୍ତୋଷ ଏବେ ବିଜେଡିରେ ଦେଖିବାକୁ ମିଳିଛି। । କେନ୍ଦ୍ରାପଡା ବିଧାନସଭା କ୍ଷେତ୍ର ପାଇଁ କୌଣସି ପ୍ରାର୍ଥୀ ଚୟନ ହୋଇ ନ ଥିବା ବେଳେ ବିଧାୟକ କିଶୋର ଚନ୍ଦ୍ର ତରାଇଙ୍କ ସପକ୍ଷ ଓ ବିପକ୍ଷବାଦୀମାନେ ଭୁବନେଶ୍ୱରରେ ନାରାବାଜି ଚଳାଇଛନ୍ତି। ସେହିପରି ପାଟକୁରା ବିଧାନସଭା ପାଇଁ ବିଜେଡିରେ ସର୍ବାଧିକ ଆଶାୟୀ ପ୍ରାର୍ଥୀ ଥିଲେ । ଏଠାରେ ବିଧାୟକ ବେଦପ୍ରକାଶ ଅଗ୍ରୱାଲଙ୍କ ଉପରେ ବିଜେଡି ସଭାପତି ଭରଷା କରିଥିବା ବେଳେ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିଧାୟକ ପଦ ପାଇଁ ଅଗ୍ରୱାଲଙ୍କ ବଦଳରେ ଯୁବକଙ୍କୁ ସୁଯୋଗ ଦେବା ଆବଶ୍ୟକ ବୋଲି ଦଳୀୟ କର୍ମୀମାନେ ପ୍ରକାଶ କରିଛନ୍ତି। ଡେରାବିଶ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ରାଜ୍ୟ ସମ୍ପାଦକ ପ୍ରମୋଦ ସାହୁ, ରବି ସାମଲ, ଅଧ୍ୟାପକ ଅଜୟ ରାଉତ ଓ ଖଦି ବୋର୍ଡ ଅଧକ୍ଷ ତେଜେଶ୍ୱର ପରିଡା ମଧ୍ୟରୁ ଜଣଙ୍କୁ ପ୍ରାର୍ଥୀ କରିବାକୁ ସେମାନେ ଦାବି କରିଛନ୍ତି। ଟିକେଟ୍‌ରେ ପରିବର୍ତ୍ତନ କରା ନ ଗଲେ ଆଗାମୀ ଦିନରେ କର୍ମୀମାନେ ବିଦ୍ରୋହ କରିବେ ବୋଲି କେତେଜଣ ନେତା ସାମିଜିକ ଗଣମାଧମରେ ପ୍ରକାଶ କରିଛନ୍ତି।
ସେହିପରି ରାଜନଗର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁଙ୍କ ବିରୋଧୀମାନେ ତାଙ୍କ ଟିକେଟ କାଟିବା ପାଇଁ ନବୀନ ନିବାସ ସମ୍ମୁଖରେ ଦାବି କରିଛନ୍ତି। ସାହୁଙ୍କ ଟିକେଟ୍ ନ କଟିଲେ ସେମାନେ ଏମ୍‌ପି ପ୍ରାର୍ଥୀ ଅନୁଭବଙ୍କୁ ବିରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।
ଏ ସମ୍ପର୍କରେ ଧ୍ରୁବ ସାହୁ କୁହନ୍ତିଯେ, ଗଣତାନ୍ତ୍ରିକ ବ୍ୟବସ୍ଥାରେ ପ୍ରତିଦ୍ୱନ୍ଦ୍ୱୀ ବାହାରିବା ସ୍ୱାଭାବିକ । ଏହା ସ୍ୱାଗତଯୋଗ୍ୟ । ମୁଁ ସେମାନଙ୍କୁ ସ୍ୱାଗତ କରିବି । ଆଗାମୀ ଦିନରେ ସମସ୍ତଙ୍କୁ ସାଥୀରେ ନେଇ ନିର୍ବାଚନର ସମ୍ମୁଖୀନ ହେବାକୁ ସେ ଆଶା ପ୍ରକାଶ କରିଛନ୍ତି।

## ଭଲ ମଣିଷ ଭାବେ ଗଢି ତୋଳିବାକୁ ପରାମର୍ଶ

**ଆଳି,୩୦।୩(ଡି.ଏନ୍.ଏ.)**

ଆଳି ବ୍ଲକ ମହୁ ପଞ୍ଚାୟତ ଅନ୍ତର୍ଗତ ମହୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବ୍ରଜକିଶୋର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବିଆରସିସି ପ୍ରଦୀପ୍ତ କୁମାର ରଥ ଓ ମୁଖ୍ୟବକ୍ତା ଭାବେ ମହୁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କମଳାକାନ୍ତ ଲାହା ଯୋଗଦେଇ ଜଣେ ଭଲ ମଣିଷ ଭାବେ ଗଢ଼ିତୋଳିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ଏବିଇଓ ଦିଲୀପ କୁମାର ମଲ୍ଲ,ଏବିଇଓ ପାବନୀ କୁମାର ରାଉତ, ସିଆରସିସି ସୁକାନ୍ତ କୁମାର ଲେଙ୍କା, ମହୁ ସରପଞ୍ଚ ପ୍ରତିନିଧି ନିରଞ୍ଜନ ତରାଇ ଓ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷା ସଞ୍ଜୁଲତା ଦାସ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ପ୍ରାଥମିକ ବିଦ୍ୟାଳୟକୁ ମାଟି ପିତୁଳା ବୋଲି କହି ଏହାକୁ ଗଢ଼ିବାରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଥିଲେ।

# ଶ୍ରୀଜୀଉଙ୍କ ରଥଦାଣ୍ଡରୁ ଅନୁଭବଙ୍କ ପ୍ରଚାର ଆରମ୍ଭ

**କେନ୍ଦ୍ରାପଡା ଅଫିସ, ୩୦।୩**



ଦଳୀୟ କର୍ମୀଙ୍କ ଗହଣରେ ଅନୁଭବ ମହାନ୍ତି।

କେନ୍ଦ୍ରାପଡା ଲୋକସଭାର ବିଜେଡି ଏମପି ପ୍ରାର୍ଥୀ ଅନୁଭବ ମହାନ୍ତି ଇଚ୍ଛାପୁରସ୍ଥିତ ଶ୍ରୀବଳଦେବଜୀଉଙ୍କ ରଥଦାଣ୍ଡରୁ ଶନିବାର ପ୍ରଚାର ଆରମ୍ଭ କରିଛନ୍ତି । ସେ ଏଠାକୁ ଶ୍ରୀଜୀଉଙ୍କ ଆର୍ଶୀବାଦ ନେବାକୁ ଆସିଥିବାବେଳେ ଏଥିରେ ୫ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ସାମିଲ ହୋଇଥିଲେ। ଏହି ଅବସରରେ ସେ କହିଥିଲେ ଯେ, କେନ୍ଦ୍ରାପଡାବାସୀ ବଡ଼ ସ୍ୱାଭିମାନୀ । ବିଜୁବାବୁଙ୍କ ରାଜନୈତିକ କର୍ମସ୍ଥଳୀରୁ ଲୋକସଭାରେ ପ୍ରତିନିଧିତ୍ୱ କରିବା ପାଇଁ ତାଙ୍କୁ ଚୟନ କରାଯାଇଥିବାରୁ ସେ ନିଜକୁ ଗର୍ବ ଅନୁଭବ କରୁଛନ୍ତି । ଏହାର ସ୍ୱାଭିମାନକୁ ସେ ଦେଶବିଦେଶରେ ଉଚ୍ଚା ରଖିବେ ବୋଲି ପ୍ରକାଶ କରିଥିଲେ। ଅନୁଭବଙ୍କ ଏହି ଗସ୍ତ ସମୟରେ ଇଚ୍ଛାପୁରସ୍ଥିତ ମାଉସୀମା ମନ୍ଦିର ନିକଟରୁ ଏକ ଶୋଭାଯାତ୍ରା ବାହାରି ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ସେ ଠାକୁର ଦର୍ଶନ କରିଥିଲେ। ଏହି ଶୋଭାଯାତ୍ରାରେ ମହାକାଳପଡା ବିଧାୟକ ତଥା ବିଜେଡି ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ, ରାଜନଗର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ, ଜିଲା ପରିଷଦ ଅଧକ୍ଷ ମାନସ କୁମାର ପରିଡା ଓ ଜିଲା ବିଜେଡି ମହିଳା ସଭାନେତ୍ରୀ ସ୍ନେହପ୍ରଭା ତ୍ରିପାଠୀ ପ୍ରମୁଖ ସାମିଲ ହୋଇଥିଲେ । ଯୁବ ବିଜେଡି ସଭାପତି ରାଜେଶ ପଣ୍ଡା, ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, ଜିଲା ବିଜେଡି ଉପସଭାପତି ପ୍ରଦୀପ୍ତ ମହାନ୍ତି ଓ ବ୍ଲକ ସଭାପତି ଆଲୋକ ସାହୁ ପ୍ରମୁଖ ଏହି ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

# ଟ୍ରେନ୍‌ରେ ଫେରୁଥିବା ଯୁବକଙ୍କୁ ନିଶା ଦେଇ ଲୁଟ

**ପଟ୍ଟାମୁଣ୍ଡାଇ,୩୦।୩ (ସ୍ୱ.ପ୍ର)**

ଟ୍ରେନରେ ନିଜ ଗ୍ରାମକୁ ଫେରୁଥିବା ବେଳେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଣେ ଯୁବକଙ୍କୁ ନିଶା ଦେଇ ଲୁଟେରାମାନେ ଲକ୍ଷାଧିକ ଟଙ୍କାର ଜିନିଷପତ୍ର ଲୁଟି ନେଇଛନ୍ତି। ପ୍ରକାଶ ଯେ, କେରଳରେ ରହି ଗ୍ୟାସ କଟର ମିସ୍ତ୍ରି ଭାବେ କାମ କରୁଥିବା ପଟ୍ଟାମୁଣ୍ଡାଇ ବ୍ଲକ ପୋଖରିଆପଡା ଗ୍ରାମର ବିଶ୍ୱନାଥ ଦାସ (୨୬) ଶୁକ୍ରବାର କେରଳରୁ ଟ୍ରେନ ଯୋଗେ ହାଇଦ୍ରାବାଦରେ ପହଞ୍ଚି ଥିଲେ । ସେଠାରୁ ଭୁବନେଶ୍ୱର ଆସୁଥିବା ପ୍ରଶାନ୍ତି ଏକ୍ସପ୍ରେସରେ ବସିଥିଲେ । ମାତ୍ର ଆସିଲା ବେଳେ ବାଟରେ ତାଙ୍କୁ ନିଶା ମିଶା ଯାଇଥିବା ଚାଟ୍ ଖାଇବାକୁ ଦେଇ ଲୁଟେରାମାନେ ତାଙ୍କ ଠାରୁ ୨୧ ହଜାର ଟଙ୍କା, ମୋବାଇଲ, ଏକ ସୁନା ଚେନ୍ , ଶାର୍ଟ ପ୍ୟାଣ୍ଟ ଓ ଗୋଟିଏ ଗ୍ୟାସ ସିଲିଣ୍ଡର ଲୁଟି ନେଇଥିଲେ । ପ୍ରଶାନ୍ତି ଏକ୍ସପ୍ରେସ ଭୁବନେଶ୍ୱର ରେଳ ଷ୍ଟେଶନରେ ପହଞ୍ଚିଲା ବେଳେ ବିଶ୍ୱନାଥ ସଂଜ୍ଞାହୀନ ହୋଇ ଟ୍ରେନ ସିଟ୍‌ରେ ପଡି ରହିଥିଲେ । ଏ ନେଇ ରେଲୱେ ପୋଲିସ ଠାରୁ ଖବର ପାଇ କମିଶନରେଟ ପୋଲିସ ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲା । ପରେ ଭୁବନେଶ୍ୱର ଅଞ୍ଚଳର ଜଣେ ସାମାଜିକ କର୍ମୀ ସଂପୃକ୍ତ ଯୁବକ ପଟ୍ଟାମୁଣ୍ଡାଇ ଅଞ୍ଚଳର ଜାଣିବା ପରେ କେନ୍ଦ୍ରାପଡା ଆଇଏଚଆରସି ଜିଲା ମୁଖ୍ୟ ପ୍ରତାପ ପାଢୀଙ୍କୁ ଜଣାଇଥିଲେ । ତାଙ୍କ ସହାୟତାରେ ବିଶ୍ୱନାଥ ଶନିବାର ପୂର୍ବାହ୍ନ ୧୧ଟାରେ ଭୁବନେଶ୍ୱରରୁ ନିଜ ଘରକୁ ଫେରି ଆସିଛନ୍ତି ।

# ପାଟନାଳୀ ପୁନରୁଦ୍ଧାର କାର୍ଯ୍ୟ ଅଟକିଛି ଅଧାରେ

## ଏପ୍ରିଲରେ ପୁଣି ଖନନ କରାଯିବ ବୋଲି ନିର୍ବାହୀ ଅଧିକାରୀଙ୍କ ସୂଚନା

**ମାର୍ଶାଘାଇ,୩୦।୩(ଡି.ଏନ୍.ଏ)**

କେନ୍ଦ୍ରାପଡା ଜିଲା ମାର୍ଶାଘାଇ ଅଞ୍ଚଳ ଦେଇ ପ୍ରବାହିତ ଲୁଣା ନଦୀର ଶାଖା ପାଟନାଳୀ ପୁନରୁଦ୍ଧାର କାର୍ଯ୍ୟ ଫେଲ୍ ମାରିଛି। ଦଳ ଓ ପଙ୍କରେ ପରିପୂର୍ଣ୍ଣ ଏହି ପାଟନାଳୀ ଏବେ ବିଷଧର ସର୍ପଙ୍କ ଆଶ୍ରୟସ୍ଥଳ ପାଲଟିଛି। ଏ ନେଇ ବାରମ୍ବାର ଖବର ପ୍ରକାଶ ପାଇବା ପରେ ପ୍ରଶାସନର ନିଦ ଭାଙ୍ଗିଥିଲା। ତେଣୁ ପୋତି ହୋଇ ଯାଇଥିବା ପାଟନାଳୀ ଯେପରି ପୁନର୍ବାର ଲୋକେ ବ୍ୟବହାର କରିପାରିବେ ସେଥିପାଇଁ ଗତବର୍ଷ ମେ ୫ ତାରିଖରୁ ଖନନ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ଇତିମଧ୍ୟରେ ୧୦ ମାସ ବିତି ଯାଇଥିଲେ ମଧ ଖନନ କାମରେ କୌଣସି ଅଗ୍ରଗତି ହୋଇନାହିଁ । ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସଂପର୍କରେ ସ୍ଥାନୀୟ ଜଳନିକାସ ବିଭାଗର ନିର୍ବାହୀ ଅଧିକାରୀ ତୁଷାରକାନ୍ତ ମହାପାତ୍ରଙ୍କୁ ଯୋଗାଯୋଗ କରିବାରେ ସେ କହିଛନ୍ତି ଯେ, ମାଟି ଖୋଳିବା ପାଇଁ ବ୍ୟବହାର କରାଯାଉଥିବା ମେଶିନ ପଙ୍କରେ ଦବି ଯାଉଛି । ତେଣୁ ପାଟନାଳୀ ଖୋଳା କାମ ସମ୍ଭବପର ହେଉନାହିଁ। ନଦୀ ଶଯ୍ୟାର ମାଟି ଶୁଖି ଟାଣ ହେଲା ପରେ ଏପ୍ରିଲ ମାସ ବେଳକୁ ଖନନ କାମ କରାଯିବ। ଏହାଛଡା ବିଷଧର ସାପ ଥିବାରୁ ଶ୍ରମିକମାନଙ୍କ ଦ୍ୱାରା ପାଟନାଳୀ ଖୋଳିବା କିମ୍ବା ଦଳ ସଫା କାମ କରିବାରେ ବିଭିନ୍ନ ସମସ୍ୟା ଦେଖାଦେଇଛି।
ପ୍ରକାଶ ଯେ, ବ୍ରିଟିଶ ଶାସନ କାଳରେ ଏହି ପାଟନାଳୀ ଲୁଣା ନଦୀର ଶାଖା ନଦୀ ଭାବେ ପରିଚିତ ଥିଲା । ନଅଙ୍କ ଦୁର୍ଭିକ୍ଷ ପରେ ଏହି ଅଞ୍ଚଳରେ ଜଳସେଚନ ତଥା ଜଳପଥ ପାଇଁ କଟକ ଯୋବ୍ରାଠାରୁ ଜମ୍ବୁ ପର୍ଯ୍ୟନ୍ତ ଏକ ସୁଦୀର୍ଘ କେନାଲ ଖୋଳା ଯାଇଥିଲା । ତତ୍‌କାଳୀନ ବ୍ରିଟିଶ ଶାସକ ରେଭେନ୍ସା ସାହେବ ଏହାର ଖନନ କରାଇଥିଲେ । କେନାଲ ଯିବା ବାଟରେ ସମସ୍ତ ଘାଇ ମାହାରା ବନ୍ଧା ଯାଇଥିଲା। ଏଥିପାଇଁ ମାର୍ଶାଘାଇ ଠାରେ ଲୁଣା ନଦୀର ଶାଖା ନଦୀକୁ ବନ୍ଧ ପକାଇ ବିଚ୍ଛିନ୍ନ କରାଯାଇଥିଲା । ଏଣୁ ଶାଖା ନଦୀର ନାମ ଡେଡ୍ ରିଭର୍ ବା ମୃତ ଲୁଣା ନଦୀ ବୋଲି କୁହାଗଲା । ଏହି ଶାଖା ନଦୀ ବାଘଡ଼ିଆଠାରେ ପ୍ରବାହିତ ଗୋବରୀ ନଦୀରେ ମିଶିଥିବାରୁ ଏହାକୁ ଶାଖା ଗୋବରୀ ବୋଲି ମଧ୍ୟ କୁହାଯାଏ । ମାତ୍ର କାଳକ୍ରମେ ଏହି ନଦୀ ସଂପୂର୍ଣ୍ଣ ପୋତି ହୋଇ ପଡିଥିବାରୁ ବର୍ତ୍ତମାନ ସରକାରୀ ଖାତାରେ ପାଟନାଳୀ ନାମରେ ନାମିତ ହୋଇଛି ।
ଦିନଥିଲା ଏହି ନଦୀ ସୁନାବ୍ୟା ଥିଲା। ସୁଦୂର ଜମ୍ବୁ, ଖରିନାସୀ, ହୁକିଟୋଲା, ରାମନଗର, ଛପାଲି, ବିଜୟନଗର ଆଦି ଅଞ୍ଚଳର ବ୍ୟବସାୟୀମାନେ ଡଙ୍ଗା ସାହାଯ୍ୟରେ ମାର୍ଶାଘାଇ ସହ ବେପାର ବଣିଜ କରୁଥିଲେ । ମାର୍ଶାଘାଇ କୁମ୍ଭାର ସାହିର କୁମ୍ଭକାରମାନେ ମାଟି ତିଆରି ହାଣ୍ଡି, କୁଣ୍ଡ, ମାଠିଆ ଆଦି ଡଙ୍ଗାରେ ନେଇ ବିକ୍ରି କରି ଧନ ଆଣୁଥିଲେ । ଫେରିବା ସମୟରେ ଜଙ୍ଗଲରୁ କାଠ ଆଣି ଭାଟିରେ ଜାଳୁଥିଲେ । ନଦୀ କୂଳବର୍ତ୍ତୀ ଧୀବରମାନେ ହୁଳି ଡଙ୍ଗା ଯୋଗେ ମାଛ ଧରି ଜୀବିକା ନିର୍ବାହ କରୁଥିଲେ । ମାତ୍ର ଗତ ୩୦ ବର୍ଷ ଧରି ଏହି ନଦୀ ପଙ୍କରେ ପୋତି ହୋଇପଡିଛି ।



ଦଳପୂର୍ଣ୍ଣ ପାଟନାଳୀ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧।୪।୨୦୧୯ (ସୋମବାର)**
- ଓଡ଼ିଆ ଦିବସ ଓ ଜିଲା ପ୍ରତିଷ୍ଠା ଉତ୍ସବ
**ସ୍ଥାନ–** ପୁରୁଣା ବସଷ୍ଟାଣ୍ଡ, କେନ୍ଦ୍ରାପଡା, **ସମୟ–** ପୂର୍ବାହ୍ନ ୮ଟା
- ଓଡିଶା ପୋଲିସ ପ୍ରତିଷ୍ଠା ଦିବସ
**ସ୍ଥାନ–** ଏସପି ଅଫିସ, ଜଜାଙ୍ଗ, **ସମୟ–** ପୂର୍ବାହ୍ନ ୮ଟା
- କେଶବ ବାବାଙ୍କ ବାର୍ଷିକ ପାଦୁକା ଯାତ୍ରା ଉତ୍ସବ
**ସ୍ଥାନ–** ଦୁର୍ଗା ମଣ୍ଡପ, ମାର୍ଶାଘାଇ, **ସମୟ–** ପୂର୍ବାହ୍ନ ୮ଟା

**୨।୪।୨୦୧୯ (ମଙ୍ଗଳବାର)**
- ସାଧାରଣ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ
**ସ୍ଥାନ–** ଜିଲାପାଳ କାର୍ଯ୍ୟାଳୟ, କେନ୍ଦ୍ରାପଡା, **ସମୟ–** ପୂର୍ବାହ୍ନ ୧୦ଟା
- ବାରୁଣୀ ସ୍ନାନ ଓ ଉତ୍ସବ
**ସ୍ଥାନ–** ଇନ୍ଦୁପୁର, କେନ୍ଦ୍ରାପଡା, **ସମୟ–** ସକାଳ ୫ଟା
- କେଶବ ବାବାଙ୍କ ବାର୍ଷିକ ଉତ୍ସବ ପ୍ରବଚନ
**ସ୍ଥାନ–** ଦୁର୍ଗା ମଣ୍ଡପ, ମାର୍ଶାଘାଇ, **ସମୟ–** ଅପରାହ୍ନ ୫ଟା

**୪।୪।୨୦୧୯ (ଗୁରୁବାର)**
- ଅଭିରାମ ପରମହଂସଦେବଙ୍କ ସନାତନ ଧର୍ମ ସମ୍ମିଳନୀ
**ସ୍ଥାନ–** ଦୁର୍ଗା ମଣ୍ଡପ, ମାର୍ଶାଘାଇ, **ସମୟ–** ଅପରାହ୍ନ ୫ଟା
- ପୂର୍ବତନ ବିଧାୟିକା ସରସ୍ୱତୀ ଦେବୀଙ୍କ ସ୍ମୃତିସଭା
**ସ୍ଥାନ–** ଟାଉନହଲ, କେନ୍ଦ୍ରାପଡା, **ସମୟ–** ଅପରାହ୍ନ ୫ଟା

**୫।୪।୨୦୧୯ (ଶୁକ୍ରବାର)**
- ଅଭିରାମ ପରମହଂସଦେବଙ୍କ ସନାତନ ଧର୍ମ ସମ୍ମିଳନୀ
**ସ୍ଥାନ–** ଦୁର୍ଗା ମଣ୍ଡପ, ମାର୍ଶାଘାଇ, **ସମୟ–** ଅପରାହ୍ନ ୫ଟା

## ଆଜି ରାତିରେ ବାରୁଣୀ ସ୍ନାନ

# ଉତ୍ସବ ପାଇଁ ଇନ୍ଦୁପୁର ଚଳଚଞ୍ଚଳ

**ଡେରାବିଶ, ୩୦।୩ (ସ୍ୱ.ପ୍ର.)**

ରବିବାର ରାତ୍ରରୁ ସୋମବାର ସକାଳ ପର୍ଯ୍ୟନ୍ତ ବାରୁଣୀ ସ୍ନାନ ଯୋଗ ରହିଛି। ଏଥିପାଇଁ କେନ୍ଦ୍ରାପଡା ବ୍ଲକ ଇନ୍ଦୁପୁର ଅନ୍ତର୍ଗତ ବିରୂପା, ବ୍ରାହ୍ମଣୀ ଓ କେଲୁଅ ନଦୀର ସଙ୍ଗମ ସ୍ଥଳରେ ସ୍ନାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଦୀର୍ଘ ୮୪ ବର୍ଷ ଧରି ଚାଲିଆସୁଥିବା ଏହି ପାରମ୍ପରିକ ସ୍ନାନ ପାଇଁ ଇନ୍ଦୁପୁର ଏବେ ଚଳଚଞ୍ଚଳ ହୋଇଉଠିଛି। ଏହି ସମୟରେ ବୁଡ଼ ପକାଇଲେ ପୂର୍ବ ପୁରୁଷଙ୍କ ପାତକ ଦୋଷ ଉଦ୍ଧାର ହେବା ସହ ବହୁପୂଣ୍ୟ ମିଳେ ବୋଲି ହିନ୍ଦୁ ଧର୍ମଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି । ଏଥିପାଇଁ ବାରୁଣୀ ମେଳା କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଅବସରରେ ୭ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।
କମିଟି ପକ୍ଷରୁ ଅସ୍ଥାୟୀ ଦୋକାନ ପାଇଁ ସ୍ଥାନ ନିଲାମ ଓ ମା'ଚଣ୍ଡି ମନ୍ଦିରର ଚୂନ ଲଗାଇବା କାର୍ଯ୍ୟ ଶେଷ ହୋଇଛି । ନଦୀଘାଟ ଓ ଆଖପାଖ ଅଞ୍ଚଳକୁ ସଫେଇ କରାଯାଇଛି।
ପୁରୀର ମହୋଦଧି, ଯାଜପୁରର ଦଶାଶ୍ୱମେଧ ଘାଟ ପରି ଏହି ତ୍ରୀବେଣୀ ସଙ୍ଗମରେ ବୁଡ ପକାଇବା ପାଇଁ ବହୁ ଭକ୍ତଙ୍କ ସମାଗମ ହେବ ବୋଲି ଆଶା କରାଯାଉଛି। ଏଥିପାଇଁ ପ୍ରଶାସନିକସ୍ତରରେ ମଧ୍ୟ ତତ୍ପରତା ପ୍ରକାଶ ପାଇଛି।

### ସେମାନେ କୁହନ୍ତି...

ତିଥି, ବାର, ନକ୍ଷତ୍ର, ଚନ୍ଦ୍ର ଆଦିର ବିଶେଷ ସମାହାରରେ ପ୍ରତିବର୍ଷ ବାରୁଣୀ ସ୍ନାନ ଯୋଗ ପଡିଥାଏ । ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ ଆଦିଙ୍କ ସ୍ଥିତିକୁ ପରଖି ଭୂଗୋଳ ଶାସ୍ତ୍ରୀ ଏଥିପାଇଁ ସମୟ ନିର୍ଦ୍ଧାରଣ କରନ୍ତି । ତେବେ ଏହା ପଛରେ ବୈଜ୍ଞାନିକ କାରଣ ମଧ ରହିଛି । ୩ଟି ନଦୀ ବିଭିନ୍ନ ପଥ ଦେଇ ଆସିବା ପରେ ଏହାର ପାଣି ବିଭିନ୍ନ ଔଷଧୀୟ ଗୁଳ୍ମ, ଲତା, ଚେର ସହ ମାଟି ପଥର ଆଦିରେ ଘଷି ହୋଇଥାଏ । ଏଥିସହ ଏହି ସ୍ନାନଯୋଗରେ ଚନ୍ଦ୍ରର ଶୀତଳ ଛାୟାରେ ତ୍ରୀବେଣୀ ସଙ୍ଗମ ସ୍ଥଳରେ ସ୍ନାନ କଲେ ବହୁ ରୋଗ ଆରୋଗ୍ୟ ହୁଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି । ଏଥିପାଇଁ ଏହି ସ୍ନାନ ଯୋଗକୁ ହିନ୍ଦୁଶାସ୍ତ୍ରରେ ବିଶେଷ ମହତ୍ୱ ଦିଆଯାଇଛି।
**–ସାଗର ମୋହନ ଜେନା, ଇନ୍ଦୁପୁର**

ଇନ୍ଦୁପୁରଠାରେ ୩ ନଦୀର ସଂଗମ ସ୍ଥଳରେ ବହୁ ଭକ୍ତ ବାରୁଣୀ ସ୍ନାନ କରିବେ। ଏହି ଅବସରରେ ବିଭିନ୍ନ ଉଠା ଦୋକାନୀ ଆସି ଏଠାରେ ବେପାର ବଣିଜ କରିବେ । ୭ ଦିନ ଧରି ଗ୍ରାମାଞ୍ଚଳ ସହର ପରି ଚଳଚଞ୍ଚଳ ହୋଇ ଉଠିବ । ତେବେ ପ୍ରତିବର୍ଷ ଏହି ବାରୁଣୀ ମେଳାସ୍ଥଳରେ ବିଦ୍ୟୁତ, ପାନୀୟ ଜଳ, ପରିମଳ ବ୍ୟବସ୍ଥା ଆଦିର ନିରିକ୍ଷଣରେ ଅବ୍ୟବସ୍ଥା ପରିଲକ୍ଷିତ ହୁଏ । ଚଳିତ ବର୍ଷ ବାରୁଣୀ ମେଳା କମିଟି ଓ ପ୍ରଶାସନ ଦୃଷ୍ଟି ଦେବେ ବୋଲି ଆଶା କରାଯାଉଛି।
**–ଦେବେନ୍ଦ୍ର ରାଉତ, ଚରପଡା**

ବିରୁପା ନଦୀ କୂଳରେ ଥିବା ମା'ଚଣ୍ଡିଙ୍କ ଏହି ବିଶେଷ ଉତ୍ସବରେ ବ୍ରତ ଧାରଣ କରିବାର ବିଧି ରହିଛି । ପ୍ରତିବର୍ଷ ମେଳା ଆରମ୍ଭର ୨ ଦିନ ପର୍ଯ୍ୟନ୍ତ ପରିବାରର ମଙ୍ଗଳ ପାଇଁ ଉପବାସ କରିଥାଉ । ଏଥର ମଧ ପରମ୍ପରା ଅନୁଯାୟୀ ବ୍ରତ ଓ ଉପବାସ କରାଯିବ।
**– ମାମୀନା ପୃଷ୍ଟି, ନିକିରାଇ**

ବାରୁଣୀ ମେଳାରେ ୭ ଦିନ ଧରି ଯାତ୍ରା ଆୟୋଜନ କରାଯାଏ । ଏହି ସମୟରେ ଘରକରଣା ଜିନିଷ ଠାରୁ ଆରମ୍ଭ କରି ବହୁ ସାମଗ୍ରୀ କିଣାବିକା ହୁଏ। ଯାତ୍ରାରେ ଆବଶ୍ୟକୀୟ ସାମଗ୍ରୀ କିଣିବା ପାଇଁ ଆଗ୍ରହ ରହିଛି। ଏଥିସହ ମେଳା ସଞ୍ଚାଳନାରେ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ।
**– ରୀନା ମଲ୍ଲିକ ସରପଞ୍ଚ, ଇନ୍ଦୁପୁର**

ଇନ୍ଦୁପୁରଠାରେ ଅନୁଷ୍ଠିତ ହେବାକୁ ଥିବା ବାରୁଣୀ ମେଳା ପାଇଁ ପ୍ରଶାସନିକସ୍ତରରେ ପ୍ରାଥମିକ ଆଲୋଚନା ସରିଛି । ଏହି ଅବସରରେ ଆଇନ ଶୃଙ୍ଖଳା ପରିସ୍ଥିତି ରକ୍ଷା କରିବା ସହ ବିଦ୍ୟୁତ, ପାନୀୟ ଜଳ, ପରିମଳ ବ୍ୟବସ୍ଥା ପ୍ରତି ଚଳିତ ବର୍ଷ ବିଶେଷ ଧ୍ୟାନ ଦିଆଯିବ ।
**– ସଞ୍ଜୟ କୁମାର ମିଶ୍ର, ଉପଜିଲାପାଳ**









# ଚେତା ହରାଇଲେ ନିର୍ମାଣ ଶ୍ରମିକ: ଅଂଶୁଘାତ ଆଶଙ୍କା

**ମହାକାଳପଡା, ୩୦।୩ (ଡି.ଏନ୍.ଏ.)**

ଖରାରେ ନିର୍ମାଣ କାର୍ଯ୍ୟ କରୁଥିବା ବେଳେ ଜଣେ ଶ୍ରମିକ ଶନିବାର ଚେତା ହରାଇଛନ୍ତି। ସେ ହେଲେ ମହାକାଳପଡା ବ୍ଲକ ଖରିନାସୀ ପଞ୍ଚାୟତ ଅନ୍ତର୍ଗତ ହରିଆବାଙ୍କ ଗ୍ରାମର ପଲାସ ମାଝି(୧୯)। ସେ ମଙ୍ଗଳପୁରଠାରେ ଏକ ନିର୍ମାଣ ସଂସ୍ଥା ପକ୍ଷରୁ ମାଟି କାମ କରୁଥିବା ବେଳେ ଅସୁସ୍ଥ ହୋଇପଡିଥିଲେ।

# କଣ୍ଡିରା ଗୁଳିକାଣ୍ଡ ଘଟଣା ସାପ ଗ୍ୟାଙ୍ଗର ଅନ୍ୟ ଜଣେ ଅଭିଯୁକ୍ତ ଗିରଫ

**ରାଜନଗର, ୩୦।୩ (ଡି.ଏନ.ଏ.)**

ରାଜନଗର ଥାନା ଅନ୍ତର୍ଗତ କଣ୍ଡିରା ଗୁଳିକାଣ୍ଡ ଘଟଣାରେ ସ୍ଥାନୀୟ ପୋଲିସ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରାଜନଗର ଥାନା ଦକ୍ଷିଣଭେଡା ଗ୍ରାମର ପ୍ରଭାତ ଦାସ (୨୫)। । କେସ ନଂ ୧୧/୧୯ ଦଫା ୩୦୨, ୨୯୪, ୧୨୦ ବି, ୨୫, ୨୭ ଆର୍ମସ ଆକ୍ଟରେ ପୋଲିସ ପ୍ରଭାତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି।

ଗତ ଜାନୁୟାରୀ ୨୧ ତାରିଖରେ ସୁପାରି ନେଇ ସାପଗ୍ୟାଙ୍ଗର ଜଣେ ଯୁବକ ଅନ୍ୟ ଦୁଇଜଣ ସହଯୋଗୀଙ୍କୁ ନେଇ କଣ୍ଡିରା ଗାଁର ହେମନ୍ତ ସେଠୀଙ୍କୁ ମାରିବାକୁ ଯାଇଥିଲେ । କିନ୍ତୁ ହେମନ୍ତଙ୍କୁ ମାରିବା ପୂର୍ବରୁ ଗ୍ରାମବାସୀ ସଂପୃକ୍ତ ଯୁବକଙ୍କୁ କାବୁ କରି ନେଇ ଏକ ଗଛରେ ବାନ୍ଧି ପୋଲିସକୁ ଖବର ଦେଇଥିଲେ। ପୋଲିସ ଆସିବା ପୂର୍ବରୁ ସାପ ଗ୍ୟାଙ୍ଗର ଅନ୍ୟ ୪ ଜଣ ରିଭଲଭର ଓ ଭୁଜାଲି ନେଇ ସେଠାରେ ପହଞ୍ଚି ଗ୍ରାମବାସୀଙ୍କୁ ଭୟଭୀତ କରିବା ସହ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଗୁଳିରେ ସେହି ଗାଁର କିଶୋର ସେଠୀ (୩୫)ଙ୍କର ମୃତ୍ୟୁ ଘଟିଥିଲା। ଅପରପକ୍ଷରେ ପୋଲିସ ଗ୍ରାମବାସୀଙ୍କ କବଳରୁ ବନ୍ଧା ଯାଇଥିବା ଯୁବକଙ୍କୁ ଉଦ୍ଧାର କରି ଜେଲ ପଠାଇଥିଲା। ଜାନୁୟାରୀ ୨୨ ଭୋର ୪ଟା ବେଳେ ପୋଲିସ ସାପ ଗ୍ୟାଙ୍ଗର ସଦସ୍ୟ ସଞ୍ଜୟ ବିଶ୍ୱାଳ ଓରଫ ବାବୁଙ୍କୁ ଏନ୍‌କାଉଣ୍ଟର କରିଥିଲା। ଦୀର୍ଘ ୨ମାସ ପରେ ପୋଲିସ ଏହି ଘଟଣାରେ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।











କେତେବେଳେ କେଉଁ କାମ କରିବ, ତାହା ଯିଏ ଠିକ୍ କରିପାରେ, ସେ ହିଁ ସମୟ ବଞ୍ଚାଇ ପାରିଥାଏ।
- ବାକନ୍



## ସଂକ୍ଷେପରେ

### ଯାଜପୁର ଜିଲା ନିର୍ବାଚନ ୯ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କଲେ ନିର୍ବାଚନ ଆୟୁକ୍ତ

**ଯାଜପୁର ଅଫିସ,୩୦।୩:** ଯାଜପୁର ଜିଲା ନିର୍ବାଚନ ପାଇଁ ୯ଜଣ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। ଏହି ପର୍ଯ୍ୟବେକ୍ଷକମାନେ ଜିଲାର ଗୋଟିଏ ଲୋକ ସଭା ଓ ୭ ଗୋଟି ନିର୍ବାଚନମଣ୍ଡଳୀର ବିଭିନ୍ନ କାର୍ଯ୍ୟକୁ ତଦାରଖ କରିବେ ଓ ଭାରତର ନିର୍ବାଚନ କମିଶନ ଓ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ରିପୋର୍ଟ ଦେବେ। ସାଧାରଣ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ଆଇଆର୍‌ଏସ ଅଧିକାରୀ ଗୋପି ଧୋନତିରେଡି ୮ନମ୍ବର ଯାଜପୁର ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ନିଯୁକ୍ତ ହୋଇଥିବାବେଳେ ୪୮ନମ୍ବର ବିଞ୍ଝାରପୁର ବିଧାନସଭା, ୪୯ ନମ୍ବର ବରୀ, ୫୨ନମ୍ବର ଯାଜପୁର ଓ ୫୩ ନମ୍ବର କୋରେଇ ନିର୍ବାଚନମଣ୍ଡଳୀ ପାଇଁ ଆଇଏଏସ ଅଧିକାରୀ ନୀତିଶ ପାଟିଲ ପର୍ଯ୍ୟବେକ୍ଷକ ରହିଛନ୍ତି। ୫୦ନମ୍ବର ବଡ଼ଚଣା, ୫୧ ନମ୍ବର ଧର୍ମଶାଳା ଓ ୫୪ନମ୍ବର ସୁକିନ୍ଦା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଅନ୍ୟତମ ଆଇଏଏସ୍ ଅଧିକାରୀ ଦିଲ୍ଲୀପ କୁମାର ନିଯୁକ୍ତ ହୋଇଛନ୍ତି। ସେହିପରି ଆଇଆର୍‌ଏସ୍ ଅଧିକାରୀ ଜେ.ପି. ସିଂ ବିଞ୍ଝାରପୁର, ବରୀ, ଯାଜପୁର ଓ କୋରେଇ ବିଧାନସଭା ଏବଂ ଆଇଆରଏସ୍ ଅଧିକାରୀ ଡି. କୋମାଲି କ୍ରିଷ୍ଣା ବଡଚଣା, ଧର୍ମଶାଳା ଓ ସୁକିନ୍ଦା ବିଧାନସଭା ନିର୍ବାଚନମଣ୍ଡଳୀର ଖର୍ଚ୍ଚ ତଦାରଖ କରିବେ। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଆଇଏଏସ୍ ଅଧିକାରୀ ଅନୀଲ କୁମାର ସାମଲ ସୁଗମ ମତଦାନ ପର୍ଯ୍ୟବେକ୍ଷକ ଭାବେ ସମଗ୍ର ଜିଲା ପାଇଁ ନିଯୁକ୍ତ ହୋଇଥିବାବେଳେ ଟ୍ରେନିଂ ପର୍ଯ୍ୟବେକ୍ଷକ ଭାବେ ଓଏଏସ୍ ଅଧିକାରୀ ଲାଲା ମନୋଜ କୁମାର ରାୟ ଓ ସନ୍ତୋଷ କୁମାର ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ପୋଲିସ ପର୍ଯ୍ୟବେକ୍ଷକ ଭାବେ ଆଇପିଏସ୍ ଅଫିସର ସନ୍ତୋଷ କୁମାର ସିଂଙ୍କୁ କମିଶନ ନିଯୁକ୍ତି ଦେଇଛନ୍ତି ବୋଲି ଜିଲାପାଳ ରଞ୍ଜନ କୁମାର ଦାସ ସୂଚିତ କରିଛନ୍ତି।

### ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏଶନ୍‌ର ଶପଥ ଗ୍ରହଣ ଉତ୍ସବ

**ଯାଜପୁର ଅଫିସ, ୩୦।୩:** ଯାଜୁପର ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏଶନ୍‌ର ନିର୍ବାଚିତ ପ୍ରତିନିଧିମାନେ ଶନିବାର ଶପଥ ଗ୍ରହଣ କରିଛନ୍ତି। ଶପଥଗ୍ରହଣ ଉତ୍ସବରେ ବରିଷ୍ଠ ଆଇନଜୀବୀ ପ୍ରତାପ କୁମାର ରାୟ ନବନିର୍ବାଚିତ ସଭାପତି କୁମାର କେଶରୀ ନାୟକ, ସମ୍ପାଦକ ଅଲୋକ କୁମାର ପାଣି, ଉପସଭାପତି ଅଲିଫ୍ ନାୟକ, ସହସମ୍ପାଦକ ପ୍ରଶାନ୍ତ କୁମାର ସାମନ୍ତ ଓ କାର୍ଯ୍ୟକାରିଣୀ ସଦସ୍ୟାସଦସ୍ୟ ପ୍ରତୀମା କର, ଝରଣା ମିଶ୍ର, ଗୌରିଶଙ୍କର ଦାସ, ଦିଲ୍ଲୀପ କୁମାର ସାମଲ, ସତ୍ୟସୁନ୍ଦର ଦାସ ପ୍ରମୁଖଙ୍କୁ ଶପଥ ଗ୍ରହଣ କରାଇଥିଲେ। ଏହି ଅବସରରେ ପୂର୍ବତନ କର୍ମକର୍ତ୍ତାମାନେ ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ସ୍ୱାଗତ କରିବା ସହ ବାର ଆସୋସିଏସନ୍‌ର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ। ଏହି ନିର୍ବାଚନକୁ ବରିଷ୍ଠ ସଦସ୍ୟ ଅକ୍ଷୟ କୁମାର ବଳ ଓ ପ୍ରଦ୍ୟୁମ୍ନ କୁମାର ଦାସ ନିର୍ବାଚନ ଅଧିକାରୀ ଭାବେ ପରିଚାଳନା କରିଥିଲେ।

### ଶଶିକାନ୍ତ କଳାନିକେତନର ୩ୟ ବାର୍ଷିକୋତ୍ସବ

କଳିଙ୍ଗନଗର,୩୦।୩(ଡି.ଏନ.ଏ.)- କଳିଙ୍ଗନଗରସ୍ଥିତ ଶଶିକାନ୍ତ କଳାନିକେତନର ୩ୟ ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ବଳସାମନ୍ତ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଶରତ ଚନ୍ଦ୍ର ନାୟକ ଯୋଗଦେଇ କଳା ଏକ ସାଧନା ଓ ଦୀର୍ଘ ଜୀବନ ସାଧନା ପରେ ଏହାର ସୁଫଳ ମିଳିଥାଏ ବୋଲି ଶିଶୁ କଳାକାରଙ୍କୁ ମାର୍ଗଦର୍ଶନ କରିଥିଲେ। ମୁଖ୍ୟ ବକ୍ତାଭାବେ ଶିକ୍ଷାବିତ ତଥା ବିଶିଷ୍ଟ ପାଲାଗାୟକ ବଳରାମ ଆଏଚ୍, ସମ୍ମାନୀତ ଅତିଥିଭାବେ ଯୁବ ସାମାଜିକ କର୍ମୀ ତଥା ଦାନଗଦୀ ବ୍ଲକ ଉପାଧକ୍ଷ ସୁଧାଂଶୁ ଶେଖର ଭଞ୍ଜ, ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ଦୋରା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାବିତ ତଥା ଅନୁଷ୍ଠାନର ସମ୍ପାଦକ ରବିନାରାୟଣ ସୂତାର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ସମାଜର ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜ ସେବା କ୍ଷେତ୍ରରେ ତ୍ରୀଜଙ୍ଗା ପଞ୍ଚାୟତ ସରପଞ୍ଚ କାହ୍ନୁଚରଣ ଦାସ, ପରିବେଶ ସୁରକ୍ଷା ଓ ସଚେତନାତା ପାଇଁ ରଞ୍ଜିତ କୁମାର ଦୋରା, କଳା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଲେଖକ ତଥା ନିର୍ଦ୍ଦେଶକ ମନମୋହନ ଆଏଚ୍, ସାମାଜିକ କର୍ମୀ ଅନଙ୍ଗ ମଞ୍ଜରୀ ବେହେରା, ଖବରଦାତା ବିପ୍ଳବ ବିଜୟ ପଣ୍ଡାଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକସ୍ତରୀୟ ସଙ୍ଗୀତ, ନୃତ୍ୟ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ସ୍ଥିତି ବଦଳିଛି, ଓଲଟିପାରେ ସମୀକରଣ

**ଯାଜପୁର ଅଫିସ/ ବିଞ୍ଝାରପୁର(ଡି.ଏନ.ଏ.),୩୦।୩**

## ବିଞ୍ଝାରପୁର ରାଜନୀତି



ମନୋରଞ୍ଜନ ଦାସ



ବବିତା ମଲ୍ଲିକ



ପ୍ରମିଳା ମଲ୍ଲିକ

- ଦୁର୍ନୀତିକୁ ଅସ୍ତ୍ର କରୁଛନ୍ତି ବିରୋଧୀ
- ଅଭିଜ୍ଞତାର ଗୋଟି ଖେଳିବେ ପ୍ରମିଳା

ବିଞ୍ଝାରପୁର ବିଧାନସଭା ନିର୍ବାଚନମଣ୍ଡଳୀ ୧୯୬୭ ରୁ ଏଯାବତ୍ ସଂରକ୍ଷିତ ଆସନ ହୋଇ ରହିଛି। ଗତ ୩ଦଶନ୍ଧି ହେଲା ଏହାର ପରିବର୍ତ୍ତନ ପାଇଁ ଦାବି ହୋଇ ଆସୁଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଦୀର୍ଘ ୫୨ବର୍ଷ ଧରି ଗୋଟିଏ ବର୍ଗର ଲୋକ ନିର୍ବାଚନ ହୋଇ ଆସିଥିବାରୁ ଚଳିତ ନିର୍ବାଚନରେ ଭୋଟରଙ୍କ ମଧ୍ୟରେ ଅଧିକ ସଚେତନତା ଦେଖାଦେଇଛି। ଆଉ ଏହି ସଚେତନତା ରାଜନୈତିକ ସମୀକରଣକୁ ଓଲଟପାଲଟ କରିଦେଇପାରେ ବୋଲି ଆଲୋଚନା ହେଉଛି। ୩ ପ୍ରମୁଖ ଦଳ ସେମାନଙ୍କ ପ୍ରାର୍ଥୀ ଘୋଷଣା କରିସାରିଥିବାରୁ ନିର୍ବାଚନୀ ହାଲଚାଲ ସରଗରମ ହେଲାଣି। ବିଜେଡି ସରକାରଙ୍କ ବିଭିନ୍ନ ଅପରାଗତାକୁ ପ୍ରସଙ୍ଗ କରି ବିରୋଧୀ ଭାଜପା ଓ କଂଗ୍ରେସ ଏଠାରେ ନିର୍ବାଚନ ଲଢୁଛନ୍ତି । ବିଶେଷକରି ଆବାସ ଯୋଜନାରେ ଦୁର୍ନୀତି, ଜଳସେଚନ ଓ ପାନୀୟ ଜଳ ସମସ୍ୟା ପ୍ରଭୃତି ଅଞ୍ଚଳର ଜନସାଧାରଣଙ୍କୁ ଅତିଷ୍ଠ କରିଛି। ଏହାର ପ୍ରଭାବ ଚଳିତ ନିର୍ବାଚନରେ ପଡ଼ିବାର ସମ୍ଭାବନା ରହିଛି ବୋଲି ରାଜନୈତିକ ସମୀକ୍ଷକ ମହଲରେ ଆଲୋଚନା ହେଉଛି।

ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗ୍ରାମାଞ୍ଚଳର ବିକାଶ ଧାରାରେ ଦୁର୍ନୀତି ଅନ୍ତରାୟ ସୃଷ୍ଟି କରିଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ଓଲଟି ଧନୀ ଲୋକଙ୍କ ବେଆଇନ କାର୍ଯ୍ୟକୁ ସହଯୋଗ କରାଯାଉଛି। ବିଞ୍ଝାରପୁର ବ୍ଲକର କୋଟି କୋଟି ଟଙ୍କାର ଦୁର୍ନୀତିକୁ ନେଇ ଜିଲାରେ ଚର୍ଚ୍ଚାର ବିଷୟ ହୋଇଆସିଛି। ବ୍ଲକରେ ପ୍ରଥମେ ଗ୍ରାମୀଣ ଆବାସ ଯୋଜନାରେ କୋଟିପତି ହିତାଧିକାରୀଙ୍କୁ ଘର ଯୋଗାଇବା ସମ୍ପର୍କରେ ପର୍ଦ୍ଦାଫାଶ ହେବାପରେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ବହୁ ଦୁର୍ନୀତିର ଗୁମର ଫିଟିଛି। ତେବେ ବିଞ୍ଝାରପୁର ବ୍ଲକରେ ହୋଇଥିବା ଦୁର୍ନୀତି ଏତେ ବ୍ୟାପକ ଯେ ଏହାର ତଦନ୍ତ କେଉଁଠି ଆରମ୍ଭ ହୋଇ କେଉଁଠି ଶେଷ ହେବ ତାହାକୁ ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ଗତ ୧୮ବର୍ଷ ମଧ୍ୟରେ ବ୍ଲକରେ ୨୫ହଜାରରୁ ଊର୍ଦ୍ଧ୍ୱ ଗ୍ରାମୀଣ ଆବାସ ନିର୍ମାଣ ହୋଇଛି। ତେବେ ଏହି ଗ୍ରାମୀଣ ଆବାସ ଭିନ୍ନକ୍ଷମ, ଗରିବ, ଘରପୋଡ଼ି କ୍ଷତିଗ୍ରସ୍ତ, ଏଡ୍‌ସ ରୋଗୀ କିମ୍ବା ଗରିବ ଦଳିତଙ୍କୁ ନ ଦେଇ ଶାସକ ଦଳର କର୍ମୀମାନେ ନିଜ ନିଜ ଭିତରେ ବାଣ୍ଟି ନେଇଥିବା ଅଭିଯୋଗ ଉଠିଥିଲା। ଏହି ଦୁର୍ନୀତି ସମ୍ପର୍କରେ ଜଣେ ବିଶିଷ୍ଟ ସାମାଜିକ କର୍ମୀ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପୂର୍ବତନ ସରପଞ୍ଚ ପ୍ରମାଣ ତଥ୍ୟ ସହ ରାଜ୍ୟ ପଞ୍ଚାୟତ ପ୍ରମୁଖ ସଚିବ, ରାଜ୍ୟ ଭିଜିଲାନ୍ସ ବିଭାଗ ଓ ଜିଲାପାଳଙ୍କୁ ଲିଖିତ ଭାବେ ୨୦୧୭ ନଭେମ୍ବର ୧୨ତାରିଖରେ ଅଭିଯୋଗ କରିଥିଲେ। ଏହି ମହାଦୁର୍ନୀତିରେ କେତେକ ରାଜନେତାଙ୍କ ସହଯୋଗରେ ଭିଏଲ୍‌ଡବ୍ଲ୍ୟୁ, କନିଷ୍ଠଯନ୍ତ୍ରୀ ଓ ବିଡିଓ ସିଧାସଳଖ ସମ୍ପୃକ୍ତି ରହିଥିବା ସେ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ। ଏନେଇ ଏକ ତଦନ୍ତ କମିଟି ମଧ୍ୟ ଗଠନ ହୋଇଥିଲା। ହେଲେ ଦୁର୍ନୀତିରେ ସଂପୃକ୍ତ ଅଧିକାରୀଙ୍କୁ ତଦନ୍ତ କମିଟିରେ ସାମିଲ କରାଯାଇଥିବାରୁ ତାହା କେବଳ କମିଟି ଗଠନରେ ସୀମିତ ରହିଗଲା। ରାଜନୈତିକ ପ୍ରଭାବରେ ଏଭଳି ଅନେକ ସରକାରୀ ଯୋଜନାର ଦୁର୍ନୀତି ଚପି ଯାଇଥିବା ବିଞ୍ଝାରପୁର ନିର୍ବାଚନମଣ୍ଡଳୀରେ ଅଭିଯୋଗ ହୋଇଆସିଛି। ଯାହାକି ଶାସକ ବିଜେଡି ଉପରେ ସାଧାରଣ ଲୋକ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଚଳିତ ନିର୍ବାଚନରେ ଏହାର ପ୍ରଭାବ ପଡିପାରେ ବୋଲି ଚର୍ଚ୍ଚା ଏବେ ଜୋର ଧରିଛି । ଖୋଲାଖୋଲି କେହି ପ୍ରକାଶ କରୁ ନ ଥିଲେ ହେଁ ଅନ୍ତଃସ୍ୱର ନିର୍ବାଚନକୁ ଓଲଟପାଲଟ କରିଦେବାର ସମ୍ଭାବନା ରହିଥିବା କୁହାଯାଉଛି। ଗତ ଜାନୁୟାରୀ ଶେଷ ସପ୍ତାହରେ ୨ଜଣ ଭାଜପାର ଜିଲା ପରିଷଦ ସଭ୍ୟାସଭ୍ୟ, ଭାଜପା ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ, ସମେତ ଭାଜପାର କେତେକ ଟାଣୁଆ ନେତା ବିଜେଡିରେ ସାମିଲ ହୋଇଥିଲେ। ଏଥିରେ ଭାଜପାର ବଳ ଊଣା ହୋଇଥିବାବେଳେ ବିଜେଡି ଆହୁରି ଶକ୍ତିଶାଳୀ ହୋଇଥିଲା ବୋଲି ସେତେବେଳେ ମତପ୍ରକାଶ ପାଇଥିଲା। କିନ୍ତୁ ଏଠାରେ ଫଳ ଓଲଟା ହେବାକୁ ବସିଛି। ଯେଉଁ ସାଧାରଣ ଭୋଟରଙ୍କ ମତଦାନରେ ଭାଜପା ନେତା ସାଜିଥିଲେ ସେମାନେ ଭୋଟରଙ୍କ ପ୍ରତି ବିଶ୍ୱାସଘାତ କରି ବିଜେଡିରେ ସାମିଲ ହୋଇଛନ୍ତି। ତେଣୁ ଭୋଟରଙ୍କ ମନରେ ବିଶ୍ୱାସଘାତକ ହୋଇଥିବା ସେହି ଦଳଡିଆଁ ନେତାଙ୍କ କୌଣସି ପ୍ରଭାବ ପଡିବ ନାହିଁ ବୋଲି କେତେକ ଭୋଟର ପ୍ରକାଶ କରୁଛନ୍ତି। ବିଜେଡି ନେତାଙ୍କ ଦୁର୍ନୀତି ଓ ଭାଜପାର ବିଶ୍ୱାସଘାତକତାକୁ ନେଇ କଂଗ୍ରେସର ପ୍ରାର୍ଥୀ ମନୋରଞ୍ଜନ ଦାସ ଭୋଟରଙ୍କ ନିକଟକୁ ପହଞ୍ଚିବାକୁ ଉଦ୍ୟମ କରୁଥିବାବେଳେ ଭାଜପା ନେତ୍ରୀ ବବିତା ମଲ୍ଲିକ ରାଜ୍ୟର ଅନେକ ଦୁର୍ନୀତିକୁ ଅସ୍ତ୍ର କରି ନିର୍ବାଚନୀ ବୈତରଣୀ ପାର ହେବାକୁ ଲକ୍ଷ୍ୟ ରଖିଛନ୍ତି। ତେବେ ବିଜେଡି ନେତ୍ରୀ ପ୍ରମିଳା ମଲିକଙ୍କ ଦୀର୍ଘଦିନର ଅଭିଜ୍ଞତାର ଗୋଟିଚାଳନାରେ ଉଭୟ ଭାଜପା ଓ କଂଗ୍ରେସ ସେତେଟା ତିଷ୍ଠି ପାରୁ ନ ଥିବା ମନେ ହେଉଛି। ଉଭୟ ପ୍ରମିଳା ଓ ବବିତା ବିଞ୍ଝାରପୁରରେ ପୁରୁଣା ଚେହେରା ହୋଇଥିବାବେଳେ କଂଗ୍ରେସ ନବାଗତ ମନୋରଞ୍ଜନଙ୍କୁ ପ୍ରାର୍ଥୀ କରିଛି। ବିଜେଡି ନେତ୍ରୀ ପ୍ରମିଳା ମଲିକ ୫ଥର ବିଜୟୀ ହୋଇ ଷଷ୍ଠ ବିଜୟ ପାଇଁ ପ୍ରସ୍ତୁତ ହେଉଥିବାବେଳେ ତାଙ୍କ ଆଗରେ ଭାଜପାର ବବିତା ଓ କଂଗ୍ରେସର ମନୋରଞ୍ଜନ ଚ୍ୟାଲେଞ୍ଜ ସୃଷ୍ଟି କରିଛନ୍ତି। ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଶେଷ ପରେ ନିର୍ବାଚନ ରଣାଙ୍ଗନରେ କେତେଜଣ ପ୍ରାର୍ଥୀ ରହିଲେ ତାହା ସ୍ପଷ୍ଟ ହେବା ସହ ମୋଟାମୋଟି ଭାବେ ୩ ପ୍ରମୁଖ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ଟକ୍କର କାଟେଁକା ହେବ ବୋଲି ମତପ୍ରକାଶ ପାଉଛି ।

■ ସରକାରୀ ରାସ୍ତା ଜବରଦଖଲ ଘଟଣା

# କ୍ଷେତ୍ର ପରିଦର୍ଶନ କଲେ ତହସିଲଦାର

**ରସୁଲପୁର,୩୦।୩(ଡି.ଏନ୍.ଏ.)**

ରସୁଲପୁର ତହସିଲ ଅନ୍ତର୍ଗତ ମହେଶ୍ୱରପୁର ରାଜସ୍ୱ ନିରୀକ୍ଷକ ଅଧିନସ୍ଥ ଚାନ୍ଦପୁର ଗ୍ରାମର ୧୧ନଂ ୱାର୍ଡବାସୀଙ୍କ ନିମନ୍ତେ ଯାତାୟତ ପାଇଁ ସ୍ଥାୟୀ ରାସ୍ତା ନାହିଁ। ଫଳରେ ଜନସାଧାରଣଙ୍କୁ ଅକଥନୀୟ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। ଏ ସମ୍ପର୍କରେ ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା। ଉକ୍ତ ଖବର ମୁତାବକ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ଶନିବାର ଅପରାହ୍ନରେ କ୍ଷେତ୍ର ପରିଦର୍ଶନ କରି ଫେରିଛନ୍ତି । ଏନେଇ ମାପଚୁପ୍ କରି ଆସନ୍ତା ସପ୍ତାହକ ମଧ୍ୟରେ ତଦନ୍ତ ରିପୋର୍ଟ ପ୍ରଦାନ କରିବା ପାଇଁ ଅଧସ୍ତନ କର୍ମଚାରୀଙ୍କୁ ତହସିଲଦାର ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ ଏହି ୱାର୍ଡରେ ପାଖାପାଖି ୨୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି । ସେମାନଙ୍କ ଗମନାଗମନ ପାଇଁ ଏକ ସ୍ଥାୟୀ ରାସ୍ତା ନ ଥିବାରୁ ୱାର୍ଡବାସୀ ଜାବତୀୟ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସାହି ଲୋକେ ୨ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ହେବ ଯାତାୟତ କରୁଥିବା ରାସ୍ତାକୁ ସେହି ଗ୍ରାମର ଜନୈକ ବ୍ୟକ୍ତି ନିଜର ଜମି ବୋଲି ଦର୍ଶାଇ ରାସ୍ତା ଉପରେ ବାଡ଼ ବୁଜି ଦେଇଛନ୍ତି। ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏସମ୍ପର୍କରେ ଅବଗତ ହେବାପରେ ତହସିଲଦାର ଭୁଜବଳ, ସୁପରଭାଇଜର ମହେଶ୍ୱର ସେଠୀ, ରାଜସ୍ୱ ନିରୀକ୍ଷକ ନୃସିଂହ ବେହେରା, ଅମିନ ଅନାଦି ରାୟସାମନ୍ତ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ



ତହସିଲଦାର ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

**ସପ୍ତାହକ ମଧ୍ୟରେ ତଦନ୍ତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ**

ଆଲୋଚନା କରିଥିଲେ। ବାଡ଼ ବସିଥିବା ରାସ୍ତା ଏକ ବ୍ୟକ୍ତିଗତ ଜମିରେ ରହିଛି। ପୂର୍ବ ଜମିମାଲିକ ନିଜ ଜମିରେ ଯାତାୟତ ପାଇଁ ରାସ୍ତା ଦେଇଥିଲେ। ହେଲେ ସେ ଜମି ବିକ୍ରି କରିଦେବା ପରେ ମାଲିକାନା ପରିବର୍ତ୍ତନ ହୋଇଯାଇଛଇ। ଏବେକାର ଜମିମାଲିକ ଜମିରେ ବାଡ ବସାଇଥିବା ଜଣାପଡ଼ିଛି। ଗାଁ ଲୋକଙ୍କ ଉପସ୍ଥିତିରେ ତହସିଲଦାର ଜମି ମାଲିକଙ୍କ ସହ ଆଲୋଚନା କରିଥିଲେ । ଜମି ମାଲିକଙ୍କୁ କ୍ଷତିପୂରଣ ଦିଆଯିବା ପରେ ସେ ଗାଁ ଲୋକଙ୍କୁ ରାସ୍ତା ଛାଡ଼ିବାକୁ ରାଜି ହୋଇଥିଲେ। ତେବେ ରାସ୍ତାକୁ ନେଇ ରହିଥିବା ଅଚଳାବସ୍ଥା ଦୂର ହୋଇଥିବା ଜଣାପଡ଼ିଛି। ତେବେ ଏନେଇ ସପ୍ତାହକ ମଧ୍ୟରେ ପ୍ରଦାନ କରିବାକୁ କୁହାଯାଇଛି । ହେଲେ ବିବାଦୀୟ ସ୍ଥାନରେ ସରକାରୀ ଜମି ରହିଛି। ଉକ୍ତ ଜମିକୁ ଗାଁର କିଛି ପ୍ରଭାବଶାଳୀ ଲୋକ ଗତ ସେଟଲେମେଣ୍ଟରେ ନିଜ ନାଁରେ କରାଇ ନେଇଛନ୍ତି। ସେସମ୍ପର୍କରେ ତହସିଲଦାର ଅବଗତ ହୋଇଥିଲେ। ତଦନ୍ତ ରିପୋର୍ଟ ଆସିବାପରେ ଅଭିଯୋଗର ସତ୍ୟାସତ୍ୟ ଥିଲେ ସେ ନେଇ ରାଜସ୍ୱ ପରିଷଦକୁ ପତ୍ର ଜରିଆରେ ଜଣାଇଦିଆଯିବା ସହ ଉକ୍ତ ଜମିକୁ ସରକାରୀ ଖାତାକୁ ଫେରାଇ ଆଣିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି।

■ ଯାଜପୁର ଜିଲା କୋର୍ଟରେ ନିର୍ବାଚନ ଶେଷ

# ପ୍ରଫୁଲ୍ଲ ସଭାପତି, ରଞ୍ଜିତ ସମ୍ପାଦକ ନିର୍ବାଚିତ

**ଯାଜପୁର ଅଫିସ,୩୦।୩**

ଯାଜପୁର ଜିଲା କୋର୍ଟରେ ଥିବା ୩ ବାର ଆସୋସିଏଶନର ନିର୍ବାଚନ ଶନିବାର ଶେଷ ହୋଇଛି। ଯାଜପୁର ଲୟର୍ସ ଆସୋସିଏଶନରେ ନିର୍ବାଚନ କରା ନ ଯାଇ ସହମତି ଭିତ୍ତିରେ ମନୋନୀତ କରାଯାଇଛି। ଏହି ଆସୋସିଏଶନର ନୂତନ ସଭାପତି ଭାବେ କୁମାର କେଶରୀ ନାୟକ, ସମ୍ପାଦକ ଅଲୋକ କୁମାର ପାଣି, ଉପସଭାପତି ଅଲିଫ୍ ନାୟକ, ସହସମ୍ପାଦକ ଭାବେ ପ୍ରଶାନ୍ତ କୁମାର ସାମନ୍ତଙ୍କୁ ମନୋନୀତ କରାଯାଇଛି। ଯାଜପୁର ଡିଷ୍ଟ୍ରିକ୍ଟ କ୍ରିମିନାଲ ବାର ଆସୋସିଏଶନରେ କେବଳ ସମ୍ପାଦକ ପଦବୀ ପାଇଁ ନିର୍ବାଚନ କରାଯାଇଥିଲା। ଏଥିରେ ସମ୍ପାଦକ ଭାବେ କିଶୋର କୁମାର କର ନିର୍ବାଚିତ ହୋଇଥିବାବେଳେ ସହମତି ଭିତ୍ତିରେ ସଭାପତିଭାବେ ପ୍ରଦୀପ୍ତ ପଣ୍ଡା, ଉପସଭାପତି ଧୀରେନ୍ଦ୍ର କୁମାର ଦାଶ, ସହସମ୍ପାଦକ ଭାବେ ଜ୍ଞାନରଞ୍ଜନ ମହାନ୍ତି ଓ ପ୍ରକାଶ କୁମାର ରାଉତଙ୍କୁ ମନୋନୀତ କରାଯାଇଛି । ସର୍ବ ପୁରାତନ ଯାଜପୁର ବାର ଆସୋସିଏଶନର ନୂତନ ସଭାପତି ଭାବେ ପ୍ରଫୁଲ୍ଲ କୁମାର ସାମଲ, ସମ୍ପାଦକ ରଞ୍ଜିତ କୁମାର ଧଳ, ସହସମ୍ପାଦକ ବିପ୍ଳବ କୁମାର ତ୍ରିପାଠୀ ନିର୍ବାଚିତ ହୋଇଥିବାବେଳେ ଆଡଭୋକେଟ ରାକେଶ କୁମାର ମିଶ୍ର ନିର୍ଦ୍ୱନ୍ଦ୍ୱରେ ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନକୁ ଯାଜପୁର ବାରଆସୋସିଏଶନ୍ ପକ୍ଷରୁ ଆଡଭୋକେଟ୍ ପ୍ରମୋଦ କୁମାର ମହାପାତ୍ର ଓ ସତୀଶ କୁମାର ଦାସ ନିର୍ବାଚନ ଅଧିକାରୀ ଭାବେ ପରିଚାଳନା କରିଥିବାବେଳେ ଡିଷ୍ଟ୍ରିକ୍ଟ କ୍ରିମିନାଲ୍ ବାର ଆସୋସିଏଶନ ପକ୍ଷରୁ ନବକିଶୋର ତ୍ରିପାଠୀ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇ ଥିଲେ। ନିର୍ବାଚିତ ପ୍ରତିନିଧିମାନେ ବିଜୟ ଲାଭ କରିଥିବାରୁ ସମସ୍ତ ସଭ୍ୟାସଭ୍ୟଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।



ଜିଲା ଓକିଲ ସଂଘର ନିର୍ବାଚିତ ପ୍ରତିନିଧି।

# ଭୌଗୋଳିକ ସ୍ଥିତିରୁ ବିଜେଡିକୁ ମିଳିପାରେ ଫାଇଦା

**ରସୁଲପୁର,୩୦।୩(ଡି.ଏନ୍.ଏ.)**

ଧର୍ମଶାଳା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଘୋଷଣା କରିବା ପରେ ଟିକେଟକୁ ନେଇ ଚାଲିଥିବା ଚର୍ଚ୍ଚାରେ ଜବନିକା ପଡିଛି। କଂଗ୍ରେସ ଏଯାବତ ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରି ନ ଥିବାରୁ ଦଳୀୟ ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍କଣ୍ଠା ବଢି ଯାଇଛି। ବିଜେଡିର ପ୍ରାର୍ଥୀ ଘୋଷଣା ପରେ ନିର୍ବାଚନ ଫଳାଫଳ ବିଜେଡି ସପକ୍ଷରେ ଯାଇପାରେ ବୋଲି ଆଲୋଚନା ହେଉଛି। ଧର୍ମଶାଳା ନିର୍ବାଚନମଣ୍ଡଳୀର ଭୌଗଳିକସ୍ଥିତି ଏହାର ପ୍ରମୁଖ କାରଣ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ରଖୁଛନ୍ତି।

ଧର୍ମଶାଳା ନିର୍ବାଚନମଣ୍ଡଳୀକୁ ବିଜେଡିର ଗଡ଼ ବୋଲି କୁହାଯାଉଛି। ଏଠାକାର ବିଧାୟକ ପ୍ରଣବ କୁମାର ବଳବନ୍ତରାଏଙ୍କ ନାଁରେ ଅନେକ ଦୁର୍ନୀତି ଅଭିଯୋଗ ରହିଛି । ଏହାସତ୍ତ୍ୱେ ବି ପ୍ରଣବଙ୍କ ଜିତିବାର ସମ୍ଭାବନାକୁ ଦେଖି ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଛି। ଏଥିସହ ପ୍ରଣବ ସରକାରଙ୍କ ମାରାଥାନ କାର୍ଯ୍ୟକ୍ରମ ଓ ଲୋକପ୍ରିୟତାକୁ ନେଇ ଗୁଇନ୍ଦା ରିପୋର୍ଟ ତାଙ୍କ ସପକ୍ଷରେ ମଧ ଯାଇଛି। ଏହାଛଡା ନିର୍ବାଚନମଣ୍ଡଳୀର ଭୌଗଳିକସ୍ଥିତି ପ୍ରଣବଙ୍କୁ ଦ୍ୱତୀୟ ଥର ପାଇଁ ବିଧାୟକ ହେବାର ସୁଯୋଗଦେବ ବୋଲି ରାଜନୈତିକ ମହଲରେ ଏବେଠୁ ଚର୍ଚ୍ଚା ଆରମ୍ଭ ହେଲାଣି। ଏନେଇ ସମୀକ୍ଷା କଲେ ଜଣାଯାଏ ୧୯୯୫ ରୁ ୨୦୧୪ ମସିହା ପର୍ଯ୍ୟନ୍ତ ଏହି ନିର୍ବାଚନମଣ୍ଡଳୀ ବରିଷ୍ଠ ବିଜେଡି ନେତା ସ୍ୱର୍ଗତ କଳ୍ପତରୁ ଦାସଙ୍କ କବ୍‌ଜାରେ ରହିଆସୁଥିଲା। ୨୦୧୪ରେ ନିର୍ବାଚନମଣ୍ଡଳୀ ଦାୟିତ୍ୱ ପୁଅ ପ୍ରଣବଙ୍କ ହାତକୁ ଟେକିଦେଇ ସେ ରାଜ୍ୟ ସଭାକୁ ଯାଇଥିଲେ। ହେଲେ ଏହି ନିର୍ବାଚନମଣ୍ଡଳୀର ସ୍ଥିତି ସମ୍ପର୍କରେ ସମୀକ୍ଷା କଲେ ଜଣାଯାଏ ୨୦୦୯ରେ ସୀମା ନିର୍ଦ୍ଧାରଣ ପୂର୍ବରୁ ଏଠାରେ ଧର୍ମଶାଳା ବ୍ଲକର ୩୯ଟି ପଞ୍ଚାୟତରୁ

**ଧର୍ମଶାଳା ନିର୍ବାଚନମଣ୍ଡଳୀ**

୧୯ ଓ ରସୁଲପୁର ବ୍ଲକର ୨୮ଗୋଟି ପଞ୍ଚାୟତରୁ ୨୩ଟି ପଞ୍ଚାୟତ ସମେତ ୪୨ଟି ପଞ୍ଚାୟତକୁ ନେଇ ନିର୍ବାଚନମଣ୍ଡଳୀ ଗଠିତ ହୋଇଥିଲା। ସେତେବେଳେ ନିର୍ବାଚନମଣ୍ଡଳୀରେ ଉଭୟ ବ୍ଲକର ଦବଦବା ରହୁଥିଲା। ବିଧାନସଭା ଆସନଗୁଡିକର ସୀମା ପୁନଃନିର୍ଦ୍ଧାରଣ ପରେ ଧର୍ମଶାଳା ନିର୍ବାଚନମଣ୍ଡଳୀର ଭୌଗଳିକସ୍ଥିତି ପରିବର୍ତ୍ତନ ଘଟିଥିଲା। ଏହି ନିର୍ବାଚନମଣ୍ଡଳୀରେ ଧର୍ମଶାଳା ବ୍ଲକ ଅଧୀନରେ ଥିବା ସମସ୍ତ ୩୯ ପଞ୍ଚାୟତ ଓ ରସୁଲପୁର ବ୍ଲକର ୨୩ ବଦଳରେ ମାତ୍ର ୯ ପଞ୍ଚାୟତ ସହ ମୋଟ ୪୮ ପଞ୍ଚାୟତକୁ ନେଇ ବିଧାନସଭା କ୍ଷେତ୍ର ପୁନର୍ଗଠନ ହେଲା। ଏହି କ୍ରମରେ ବିଧାୟକଙ୍କ ପିତା ସ୍ୱର୍ଗତ ଦାସ ତାଙ୍କର ଆସ୍ଥାନ ପରିବର୍ତ୍ତନ କଲେ। ରସୁଲପୁର ବ୍ଲକରୁ କ୍ରମାନ୍ୱୟରେ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନଠାରୁ ଆରମ୍ଭ କରି ଦଳୀୟ କାର୍ଯ୍ୟାଳୟକୁ ଭାୟା ପାଣ୍ଡିକା ଦେଇ ଜାରକା ଅଞ୍ଚଳକୁ ପ୍ରବେଶ କଲେ। ଏହି ବ୍ଲକର ସର୍ବାଧିକ ପଞ୍ଚାୟତର ଭୋଟରଙ୍କ ଉପରେ ଗୁରୁତ୍ୱ ଦେଇ ନିର୍ବାଚନ ଜିତିବା ସହ ଭୋଟ ହାର ବି ବଢାଇଲେ। ସେହି କ୍ରମରେ ଗତ ସାଧାରଣ ନିର୍ବାଚନରେ ଧର୍ମଶାଳା ଦାୟିତ୍ୱ ପୁଅ ପ୍ରଣବଙ୍କ ହାତରେ ଛାଡ଼ି ଦେଲେ। ଚଳିତ ନିର୍ବାଚନରେ ପ୍ରଣବ ବିରୋଧୀଙ୍କ ଦୁର୍ବଳ ନେତୃତ୍ୱକୁ ଧୂଳିସାତ କରି ରାଜ୍ୟରେ ରେକର୍ଡ ସଂଖ୍ୟକ ୮୫ହଜାରରୁ ଊର୍ଦ୍ଧ୍ୱ ଭୋଟରେ ବିଜୟୀ ହେଲେ। ୨୦୧୭ ପଞ୍ଚାୟତ ନିର୍ବାଚନରେ ପଞ୍ଚାୟତ ପୁନର୍ଗଠନ ବେଳେ ଧର୍ମଶାଳା ବ୍ଲକରେ ୬ଟି ପଞ୍ଚାୟତ ବଢିଥିଲା। ଚଳିତ ସାଧାରଣ ନିର୍ବାଚନରେ ଏହି ବ୍ଲକର ପଞ୍ଚାୟତ ସଂଖ୍ୟା ୪୫ରେ ପହଞ୍ଚିଛି। ଯାହାକି ବିଜେଡିକୁ ଜିତିବା ପାଇଁ ଆହୁରି ସୁହାଇବ ବୋଲି କୁହାଯାଉଛି। ଏହାଛଡା ପ୍ରଣବଙ୍କୁ ଜିତିବାର ବାଟ ବିରୋଧୀ ଫିଟାଇ ଦେଇଛନ୍ତି । ଏଥର ଭାଜପାରୁ ଭୋଟର ନୂଆ ମୁହଁ ଚାହୁଁଥିଲେ। ହେଲେ ଦଳ ଏଠାରେ ପୁରୁଣା ମୁହଁ ତୁଷାର ଓରଫ ରମେଶ ଚନ୍ଦ୍ର ପରିଡାଙ୍କ ଉପରେ ପୁଣି ଭରସା ଜୁଟାଇଛି । ସେ ଗତ ଦୁଇଟି ସାଧାରଣ ନିର୍ବଚନରେ ପ୍ରତିଦ୍ୱନ୍ଦ୍ୱିତା କରି ୩ୟ ସ୍ଥାନରେ ରହିଥିଲେ। ତାଙ୍କର ପ୍ରାର୍ଥିତ୍ୱକୁ ଦଳ ଭିତରର ନେତାମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଏହାକୁ ନେଇ ଦଳୀୟ ଅସନ୍ତୋଷ ବଢିବାରେ ଲାଗିଛି। ଯାହାକି ବିଜେଡିକୁ ସୁହାଇବ ବୋଲି କୁହାଯାଉଛି। ସେପଟେ କଂଗ୍ରେସର ଟିକେଟ ଅଙ୍କ ଛିଡୁ ନ ଥିବାବେଳେ ଏଠାରେ ଦଳର ସାଂଗଠନିକ ସ୍ଥିତି ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ତେବେ ଏଠି ଦଳ ଜିତିବା ବଦଳରେ ବରଂ ନିଜର ସ୍ଥିତି ବଞ୍ଚାଇବାକୁ ପ୍ରୟାସ କରିବ ବୋଲି କୁହାଯାଉଛି। ଏସବୁ ସତ୍ତ୍ୱେ ରାଜ୍ୟସରକାରଙ୍କ ଜନ ହିତକର କାର୍ଯ୍ୟକ୍ରମ ଓ ପ୍ରଣବଙ୍କ ଦୃଢ ସାଂଗଠନିକ ସ୍ଥିତି ତାଙ୍କୁ ଜିତିବାରେ ସହାୟକ ହେବ ବୋଲି କର୍ମୀମାନେ ଆଲୋଚନା କରୁଛନ୍ତି।




